# Akashvani, Sambalpur

## SAMBALPURI NEWS EVENING BULLETIN

**30 October 2025- 7.02 pm- 7.12 pm.**

*********************************************

୧- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଶହେ ୫୦ ତମ ଜୟନ୍ତୀ ଅବ୍‌ସରେ ଆଏବାକାଏଲ୍ ସାରା ଦେଶେ ହେବା ଏକତା ଲାଗି ଗଣଦୌଡ଼ ଅଭିଯାନ ।

୨- ବାତ୍ୟା ମୋନ୍ଥା ଲାଗି ହେଇଥିବା ନୁକ୍‌ସାନ୍‌ର ହିସାବ୍ ଆଏଜ୍‌ଠାନୁ ହେଲା ମୁଲ୍ ।

୩- ଆଏବା ଫେବୃୟାରୀ ୧୭ନୁ ମୁଲ୍ ହେବା ସିବିଏସ୍‌ଇ ୧୦ ଆଉ ୧୨ ଶ୍ରେଣୀ ପରୀକ୍ଷା ।

ଆଉର୍

୫- ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ତରଫ୍‌ରୁ ଡେବ୍ରିଗଡ଼ ଅଭୟାରଣ୍ୟ ନ ମୁଲ୍ ହେଲା ବାଘ୍ ଗନ୍ତି ।

ରାଷ୍ଟ୍ରୀୟ ଏକତା ଦିବସ ଏନ୍‌ଏସ୍‌ଡି

‘ଏକ୍ ଭାରତ୍ ଶ୍ରେଷ୍ଠ ଭାରତ’ର ଭାବ୍‌ନାକେ ଆହୁରି ବର୍‌କସ୍ କର୍‌ବାର ଲାଗି ଆଏବାକାଏଲ୍ ‘ଏକ୍‌ତା ଲାଗି ଗଣଦୌଡ଼’ ଅଭିଯାନ୍ ହେବା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଶହେ ୫୦ ତମ ଜନ୍ମବାର୍ଷିକୀକେ ଆହୁରି ଖାସ୍ କର୍‌ବାର୍ ଲାଗି ଇ ଏକତା ଦୌଡ଼ର ଆୟୋଜନ୍ କରାଯାଉଛେ । ସର୍ଦ୍ଦାର୍ ପଟେଲ ୫ ଶହ ୬୦ନୁ ଅଏତ୍‌କା ଗଡ଼ଜାତ ରାଜ୍ୟକେ ଗୁଟେ ରାଷ୍ଟ୍ର ଭାବେ ଗଠନ୍ କରିଥିଲେ । ବିବିଧତା ଭିତ୍‌ରେ ଏକ୍‌ତା ଭାରତର୍ ଆତ୍ମା, ଇ କଥାକେ ସର୍ଦ୍ଦାର ପଟେଲ ଦର୍ଶେଇଥିଲେ । ଗୁଜରାଟର ଏକ୍‌ତା ନଗରଠାନେ ଥିବା ସର୍ଦ୍ଦାର୍ ପଟେଲଙ୍କର ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ୍ ୟୁନିଟି ନ ଆଏବାକାଏଲ୍ ହେବାର୍‌କେ ଥିବା ଜାତୀୟ ସମାରୋହଥି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନାବେ । ଇତାର ସହେତେ ହେବାର୍‌କେ ଥିବା ଭବ୍ୟ ଏକତା ପରେଡ୍‌କେ ଭିଲ୍ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ୍ କର୍‌ବେ । ଫି ବଛର୍ ଅକ୍ଟୋବର ୩୧ ତାରିଖ୍ ଏକ୍‌ତା ନଗର ନ ଇ ପରେଡ୍‌ର ଆୟୋଜନ୍ କରାଯାଏସି । ନୂଆଦିଲ୍ଲୀ ନ ହଉଥିବା ଗଣତନ୍ତ୍ର ଦିବସ୍ ପରେଡ୍ ବାଗିର୍ ଇ ବଛର୍‌ନୁ ଏକ୍‌ତା ଦିବସ୍ ପରେଡ୍‌ର ଆୟୋଜନ୍ କରାଯିବା ବଲି

ପାଟନାଠାନେ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ସୂଚ୍‌ନା ଦେଇଛନ୍ ।

ବାତ୍ୟା ନୁକ୍‌ସାନ୍ ହିସାବ୍ ହି.ସ.

ବାତ୍ୟା 'ମୋନ୍ଥା' ଲାଗି ହେଇଥିବା ନୁକ୍‌ସାନ୍‌ର ହିସାବ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ତିନ୍ ଦିନ୍ ଭିତ୍‌ରେ ରିପୋର୍ଟ ଦେବାର୍ ଲାଗି ଜିଲ୍ଲାପାଲମାନ୍‌ଙ୍କୁ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଯେନ୍ ଜିଲ୍ଲା ନ ନୁକ୍‌ସାନ୍ ନାଇଁ ହେଇ ସେ ଜିଲ୍ଲା ନ ରାଜସ୍ୱ ଅଧିକାରୀମାନ୍‌ଙ୍କୁ ନୁକ୍‌ସାନ୍‌ର ହିସାବ୍ କାମ୍‌ଥି ଲଗାଯିବା ବଲି ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ ।

ନୌବାଣିଜ୍ୟ ବୁଝାମଣା I&PR

ଜାତୀୟ ଜଲ୍‌ପଥ ୫ ଆଉ ୬୪ର ବିକାଶ ଆଉ କାର୍ଯ୍ୟକ୍ଷମତା ବଢ଼ାଯିବା । ଇଥିର୍‌ଲାଗି ମୁମ୍ବାଇ ନ ଚାଲିଥିବା ଭାରତ ନୌବାଣିଜ୍ୟ ସପ୍ତାହ ସମାରୋହଥି ଭାରତୀୟ ଆଭ୍ୟନ୍ତରୀଣ ଜଲ୍‌ପଥ୍, ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଆଉ ମହାନଦୀ କୋଲ୍ ଫିଲ୍‌ଡ ଲିମିଟେଡ୍-ଏମ୍‌ସିଏଲ୍

ଭିତ୍‌ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ସ୍ଥାୟୀ ମାଲ୍ ପରିବହନ୍ ଆଉ ଆଂଚଳିକ୍ ଆର୍ଥିକ୍ ଅଭିବୃଦ୍ଧି ଲାଗି ଓଡ଼ିଶାର୍ ନଦୀ ପ୍ରଣାଳୀକେ ବେଭାର୍ ଯୋଗ୍ୟ କର୍‌ବାର୍ ଦିଗେ ଇଟା ଗୁଟେ ମୁଖିଆ ପଦକ୍ଷେପ୍ ଭାବେ ଦେଖାଯାଉଛେ । ୧୨ ହଜାର ୨ ଶହ କୋଟି ଟଙ୍କାର ନିବେଶ୍ ସହେତେ ଆଭ୍ୟନ୍ତରୀଣ ଜଲ୍‌ପଥ୍ ଜରିଏ ତାଲଚେର୍ କୁଇଲା କ୍ଷେତ୍ରନ ପାରାଦ୍ୱୀପ ଆଉ ଧାମରା ବନ୍ଦରକେ କୁଇଲା ଆଉ ଅଲ୍‌ଗା ବଲ୍କ କାର୍ଗୋର୍ ଠିକ୍ ଭାବେ ପରିବହନ୍ ଇ ପ୍ରକଳ୍ପର୍ ମୁଖ୍ୟ ଲକ୍ଷ୍ୟ ଆଏ ।

ୟୁଜିସି ମାର୍ଗଦର୍ଶିକା ଆର୍‌ଏନ୍‌ୟୁ/ କଟକ

ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟମାନ୍‌କୁ ନିଶାମୁକ୍ତ କର୍‌ବାର୍ ଲାଗି ୟୁଜିସି ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍‌ସାରେ ଫି ଉଚ୍ଚଶିକ୍ଷାନୁଷ୍ଠାନ୍ ପରିସର୍‌ନ ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ ହେବେ ବଲି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଉଚ୍ଚ ଶିକ୍ଷାନୁଷ୍ଠାନର ଝନେ ଅଧ୍ୟାପକ ଆଉ ଅଧ୍ୟାପିକାଙ୍କୁ ଭିଲ୍ ଦାୟିତ୍ୱ ଦିଆଯିବା । ଛାତ୍ରଛାତ୍ରୀମାନ୍‌କର ଯୋଗାଭ୍ୟାସ୍, ଶାରୀରିକ ଦକ୍ଷତା

ଆଉ ପୁଷ୍ଟିକର ଖାଏବାର୍ ଉପ୍‌ରେ ଭିଲ୍ ଜୋର୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ପୁଲିସ୍ ୟୁନିଫର୍ମ ହି.ସ.

ଦେଶେ ଖୋବ୍ ଜଲ୍‌ଦି ଓ୍ୱାନ୍ ନେସନ୍ ଓ୍ୱାନ୍ ପୁଲିସ୍ ୟୁନିଫର୍ମ ନୀତି ଲାଗୁ କରାଯିବା । ଇ ବାବ୍‌ଦେ ଓଡ଼ିଶା ସହେତେ ୧୬ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌କେ ସ୍ୱରାଷ୍ଟ୍ର ମନ୍ତ୍ରଣାଲୟ ତର୍‌ଫୁ ତଥ୍ୟ ମଗାଯାଇଛେ । ଦେଶର୍ ସବୁ ରାଏଜେ ଆଏବା ଦିନେ ଗୁଟେ ରକ୍‌ମର୍ ପୁଲିସ୍ ୟୁନିଫର୍ମ ରହେବା । ଆଏବା ମାସର୍ ୪ ତାରିଖ୍ ଭିତ୍‌ରେ ସବୁ ତଥ୍ୟ ଦାଖଲ୍ ଲାଗି ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ । କେନ୍ଦ୍ରର୍ ଚିଠି ଉତ୍‌ରୁ ଡିଜିପି କଂଟ୍ରୋଲ୍ ରୁମ୍ ତର୍‌ଫୁ ପୁଲିସ୍ ମୁଖ୍ୟାଳୟକେ ତଥ୍ୟ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ଜେଲ୍ ଜୁଗ୍‌ବେ ହୋମ୍ ଗାର୍ଡ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର ଭିନ୍ ଭିନ୍ ଜେଲ୍‌ନ ଖାଲି ପଡ଼ିଥିବା ଓ୍ୱାର୍ଡର ପଦ୍‌ବୀ ପୂରଣ ହେବାର୍ ତକ୍ ଜେଲ୍‌କେ ଅସ୍ଥାୟୀ ଭାବେ ଗୃହରକ୍ଷୀମାନେ ଜୁଗ୍‌କେ । ଇ ବାବ୍‌ଦେ ଜେଲ୍ ବିଭାଗ୍

ତରଫ୍ରୁ ସବୁ ଜିଲ୍ଲାର ଆରକ୍ଷୀ ଅଧିକ୍ଷକମାନ୍‌କୁ ଚିଠି କରାଯାଇଛେ । ଇହାଦେ ରାଏଜେ ୬ ଶହ ଓ୍ୱାର୍ଡର ପଦ୍‌ବୀ ଖାଲି ପଡ଼ିଥିବାର୍‌ନୁ ସୁରକ୍ଷାକେ ନଜର୍‌ଥି ରଖିକରି ଅସ୍ଥାୟୀ ଭାବେ ସରକାର ଇ ବ୍ୟବସ୍ଥା ଗ୍ରହଣ କର୍‌ବାର୍‌କେ ଯାଉଛନ୍ । ପାଖାପାଖି ବଛ୍‌ରେତକ୍ ଗୃହରକ୍ଷୀମାନ୍‌କୁ ଦାୟିତ୍ୱ ତୁଲାବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଦରକାର ପଡ଼୍‌ଲେ ନିୟମିତ୍ ନିଯୁକ୍ତି ହେବାର୍ ତକ୍ ଭିଲ୍ ସେମାନେ ଦାୟିତ୍ୱଥି ରହେବ ।

ତହସିଲ୍ ଜମି ଘିନାବିକା ହି.ସ.

ରାଏଜେ ଏତ୍‌କର ତହସିଲ୍ କାର୍ଯ୍ୟାଳୟ ନ ଜମି ପଞ୍ଜିକରଣ ହେଇ ପାର୍‌ବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବା ଶନିବାର ଦିନ ଇତାର୍ ଶୁଭାରମ୍ଭ କର୍‌ବେ । ପହେଲା ୪୪ଟା ତହସିଲ୍ କାର୍ଯ୍ୟାଳୟ ନ ଇ ସେବା ମୁଲ୍ ହେବା । ତାର୍ ଉତ୍‌ରୁ ବାକି ୨ ଶହ ୭୩ଟା ତହସିଲ୍ ନ ଡିସେମ୍ବର ମାସ୍ ଶେଷ୍ ତକ୍ ଇତାକେ କାର୍ଯ୍ୟକାରୀ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍-----ରାଜସ୍ୱମନ୍ତ୍ରୀ)

ସିବିଏସ୍‌ଇ ପରୀକ୍ଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ପରିଚାଲିତ୍ ସିବିଏସ୍‌ଇ ଦଶମ ଆଉ ୧୨ ଶ୍ରେଣୀ ପରୀକ୍ଷା ଆଏବା ବଛର୍ ଫେବୃୟାରୀ ୧୭ ତାରିଖ୍‌ନୁ ମୁଲ୍ ହେଇକରି ଏପ୍ରିଲ ୯ ତାରିଖ୍‌ତକ୍ ଚାଲ୍‌ବା । ପରିଷଦ୍ ତର୍‌ଫୁ ଜାରି ହେଇଥିବା ବିଜ୍ଞପ୍ତି ଅନ୍‌ସାରେ ପରୀକ୍ଷା  ଗୁଟେ ସିଫ୍ଟ୍‌ଥି ସଖାଲର୍ ସାଢ଼େ ୧୦ ବଜେନୁ ମୁଲ୍ ହେଇକରି ଦିନର୍ ୧ ବଜେତକ୍ ଚାଲ୍‌ବା । ପରୀକ୍ଷାର୍ଥୀଙ୍କର ବିଷୟ ଅନ୍‌ସାରେ ୨ ଘଂଟା କି ୩ ଘଂଟା ପରୀକ୍ଷା ହେବା ବଲି ସିବିଏସ୍‌ଇ ତର୍‌ଫୁ କୁହାଯାଇଛେ । ପରୀକ୍ଷା ବାବ୍‌ଦେ ଛାତ୍ରଛାତ୍ରୀମାନେ cbse.gov.in ଥି ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ନୂଆପଡ଼ା ଉପନିର୍ବାଚନ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ ସଭା ଉପନିର୍ବାଚନ ତାରିଖ୍ ପାଖ୍‌କେ ଆସୁଥିବାର୍‌ବେଲେ ପ୍ରଚାର ଜୋର୍‌ଦାର୍ ହେଉଛେ । ଖୋବ୍ ଜଲ୍‌ଦି ମୁଖ୍ୟମନ୍ତ୍ରୀ ଫେର୍‌ଘାଏ ନୂଆପଡ଼ା ଯାଇକରି ପ୍ରଚାର୍ କର୍‌ବେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍, ପହେଲା ଖେପେ ମୁଖ୍ୟମନ୍ତ୍ରୀ ଦଲର୍ ପ୍ରାର୍ଥୀଙ୍କର ଲାଗି

ପ୍ରଚାର କରିଥିଲା ବେଲ୍‌କେ ଫେର୍‌ଘାଏ ଦୁଇ ନମ୍ବର ଖେପେ ପ୍ରଚାର କର୍‌ବେ । ପ୍ରଚାର ପରବ୍‌ର ଶେଷ୍ ଖେପେ ମୁଖ୍ୟମନ୍ତ୍ରୀ ମାରାଥନ୍ ପ୍ରଚାର କର୍‌ବେ ବଲି ଶ୍ରୀ ପୂଜାରୀ କହିଛନ୍ ।

ସେଆଡ଼େ ସବୁ ଦଲର୍ ପ୍ରାର୍ଥୀମାନ୍‌କର ଲାଗି ଆଗ୍‌ଧାଡ଼ିର୍ ନେତାମାନେ ପ୍ରଚାର୍ ଅଭିଯାନ୍ ଚଲେଇଥିଲା ବେଲ୍‌କେ ସ୍ୱାଧୀନ୍ ପ୍ରାର୍ଥୀମାନେ ଭିଲ୍ ଭୋଟର୍‌ଙ୍କର ବିଶ୍ୱାସ୍ ଜିତ୍‌ବାର୍ ଲାଗି ଜୋର୍‌ଦାର୍ ଚେରେଷ୍ଟା ଚଲେଇଛନ୍ । ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆ ଆଏଜ୍ କୋମ୍‌ନା ବ୍ଲକ୍ ନ ପ୍ରଚାର୍ କରିଥିଲେ । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ା ବ୍ଲକ୍‌ର ପ୍ରଚାର କରିଥିଲା ବେଲ୍‌କେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ କୋମନା ବ୍ଲକ୍‌ର ଦୁଇ ନମ୍ବର ଜିଲ୍ଲା ପରିଷଦ୍ ଜୋନ୍‌ନ ପ୍ରଚାର କରିଛନ୍ ।

ଶ୍ରୀକ୍ଷେତ୍ର ପୁରୀ ନ ପଂଚୁକ ବ୍ରତ ଆଉ ସାକ୍ଷୀ ଗୋପାଲ୍ ମନ୍ଦିର ପରିସର ନ ରାଧାପାଦ ଦର୍ଶନ୍‌କେ ଠିକ୍ ଭାବେ କର୍‌ବାର୍ ଲାଗି ଆଏଜ୍ ଜିଲ୍ଲାପାଲଙ୍କର ଅଧ୍ୟକ୍ଷତାଥି ଗୁଟେ ତୟାରି ବୈଠକ୍ ହେଇଯାଇଛେ । ଆଏବାକାଏଲ୍ ପହପହ ୫ ବଜେନୁ ସାକ୍ଷୀଗୋପାଲ୍ ମନ୍ଦିର ନୁ ରାଧା ପାଦ ଦର୍ଶନ୍ ଲାଗି ଖାସ୍ ନୀତିକାନ୍ତି କରାଯିବା । ଭକ୍ତମାନ୍‌କର ଭିଡ଼କେ ନିୟନ୍ତ୍ରଣ କର୍‌ବାର୍ ଲାଗି ପୁଲିସ ତରଫୁ ବହୁତ୍‌ଟେ

ବନ୍ଦୋବସ୍ତ କରାଯାଇଛେ । ସେଆଡ଼େ ପୁରୀ ନ ପଂଚ୍‌କ ବ୍ରତ ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ । ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇକରି ମନ୍ଦିର ଭିତ୍‌କେ ଯିବାର୍ ଲାଗି ଅନୁମତି ରହିଥିବାର୍ ବେଲେ ବାକି ତିନ୍‌ହି ଦ୍ୱାର୍ ଦେଇକରି ମନ୍ଦିର ଭିତ୍‌ରୁ ବାହାରି ପାର୍‌ବେ । ସମୁଦ୍ର ଆଉ ଭିନ୍ ଭିନ୍ ତୀର୍ଥ ପୁଷ୍କରିଣୀ ନ ସୁରକ୍ଷିତ୍ ସ୍ନାନ ଲାଗି ଲାଇଫ୍ ଗାର୍ଡ଼ ଆଉ ପୁଲିସ ମୁତୟନ କରାଯିବା । ବେରିକେଡ୍‌ଥି ଭକ୍ତମାନ୍‌କର ଶୃଙ୍ଖଲିତ୍ ଦର୍ଶନ୍ ଲାଗି ପଙ୍ଖା, ବସ୍‌ବାର୍ ଆଉ ପିଇବାର୍ ପାଏନ୍‌ର ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀମନ୍ଦିର ପ୍ରଶାସନ୍ ତରଫୁ କୁହାଯାଇଛେ । ଇ ବଛର୍ ପଁଚ୍‌କ ୫ ଦିନ୍ ବଦ୍‌ଲେ ୪ ଦିନ୍ ପଡୁଛେ । ଆଏବା ୨ ତାରିଖ୍‌ନୁ ପଚ୍‌ଁକ ବ୍ରତ ମୁଲ୍ ହେବା ।

ଡେବ୍ରିଗଡ଼ ବାଘ ଗନ୍‌ତି          ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍‌ର ଡେବ୍ରିଗଡ଼ ଅଭୟାରଣ୍ୟ ନ ବାଘ୍ ଗନ୍‌ତି ମୁଲ୍ ହେଇଛେ । ଗନ୍‌ତି ପ୍ରକିୟାଥି ଛାତ୍ରଛାତ୍ରୀ ଆଉ ଯୁବକ୍‌ମାନ୍‌କୁ ଭିଲ୍ ସାମିଲ୍ କରାଯାଇଛେ ବଲି ହୀରାକୁଦ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚ୍‌ନା ଦେଇଛନ୍ । ଡେବ୍ରିଗଡ଼ ପାଖାପାଖି ଥିବା କଲେଜ୍ ଆଉ ଉଚ୍ଚ ବିଦ୍ୟାଳୟର୍

୪୬ ଝନ୍ ଛାତ୍ରଛାତ୍ରୀଙ୍କୁ ଗନ୍‌ତିଥି ସାମିଲ୍ କରାଯାଇଛେ । ଇମାନ୍‌ଙ୍କୁ ଆମ୍ବାସେଡର୍ ଅଫ୍ ଡେବ୍ରିଗଡ଼ ନାଁ ଦିଆଯାଇଛେ । ନଭେମ୍ବର ପହେଲା ହପ୍ତାତକ୍ ଚାଲ୍‌ବାର୍‌କେ ଥିବା ବାଘ୍ ଗନ୍‌ତି କାର୍ଯ୍ୟକ୍ରମ୍‌ଥି ବନବିଭାଗର ୮୦ ଝନ୍ ଅଧିକାରୀ ଆଉ କର୍ମଚାରୀ ସାମିଲ୍ ହେଇଛନ୍ । ଶହେ ୭ଟା ଟ୍ରାପ୍ କେମ୍‌ରାଥି ୨ ବର୍ଗ କିଲୋମିଟର୍ ତକ୍ ଗନ୍‌ତି କରାଯାଇ ପାର୍‌ବା । ଇ ବାବ୍‌ଦେ ଜିଲ୍ଲା ବନଖଣ୍ଡ ଅଧିକାରୀ ଅଂଶପ୍ରଜ୍ଞା ଦାସ କହିଛନ୍...

(ଭଏସ୍----ଅଂଶୁପ୍ରଜ୍ଞା ଦାସ)

ମିତବ୍ୟୟିତା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟ ନ ବିଶ୍ୱ ମିତବ୍ୟୟିତା ଦିବସ ପାଳନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ସମ୍ବଲପୁର ମଣ୍ଡଳ ଡାକସେବା ଅତିରିକ୍ତ ନିର୍ଦ୍ଦେଶକ ବି. ମହେଶ୍ୱର ରାଓ ଆଉ ଡିଏସ୍‌ପି ଇଶ୍ୱର ତାଣ୍ଡି ଅତିଥି ଭାବେ ଯୋଗ୍ ଦେଇ୍‌କରି ଲୁକ୍‌କୁ କମ୍ ସଂଚୟ ଆଉ ଆର୍ଥିକ ସାକ୍ଷରତା ବାବ୍‌ଦେ ସଚେତନ୍ କରିଥିଲେ ।

ସମବାୟ ଉତ୍ସବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ନିୟନ୍ତ୍ରଣ ବଜାର କମିଟି ସଭାଗୃହ ନ ସମବାୟ ବିଭାଗ୍ ତର୍ଫୁ ସମବାୟ ଉତ୍ସବ୍ ପାଲିତ୍ ହେଇଯାଇଛେ । ସମବାୟ ସମିତି ସମୂହର୍ ଉପନିବନ୍ଧକ ଫକୀର ମୋହନ ବାଘଙ୍କର ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମଥି ସହକାରୀ ନିବନ୍ଧକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଆଉ ଅଲ୍ଗାମାନେ ଯୋଗ୍ ଦେଇଥିଲେ । ସମିତିମାନ୍କର ଋଣ ଦେବାର୍ ବାବ୍ଦେ ଅତିଥିମାନେ କହିଥିଲେ ।

ଘରୋଇ ହିଂସା ଆଇନ କର୍ମଶାଳା          ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ସମାଜ ମଙ୍ଗଲ ବିଭାଗ ତର୍ଫୁ ଅତିରିକ୍ତ ଜିଲ୍ଲପାଳଙ୍କ ସମ୍ମିଲନୀ କକ୍ଷ ନ ଘରୋଇ ହିଂସା ଆଇନ୍ ୨୦୦୫ ବାବ୍ଦେ ଗୁଟେ ଜିଲ୍ଲାସ୍ତରୀୟ ତାଲିମ ଶିବିର ହେଇଯାଇଛେ । ଜିଲ୍ଲା ସମାଜ ମଙ୍ଗଲ ଅଧିକାରୀ ସୁରତି ପ୍ରଧାନଙ୍କର ଦେଖ୍ରେଖ୍ଥି ହେଇଥିବା କାର୍ଯ୍ୟକ୍ରମଥି ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହନ୍ତ ଯୋଗ୍ ଦେଇକରି ଘରୋଇ ହିଂସାକେ ପ୍ରତିରୋଧ୍ କର୍ବାର ଲାଗି ମହିଲା ସୁରକ୍ଷା ଆଇନ୍ ବାବ୍ଦେ ଆଲୋଚନା କରିଛନ୍ ।

ମସ୍ୟ ଆଉ ପ୍ରାଣୀ ସମ୍ପଦ ମେଲା ଝାରସୁଗୁଡ଼ା

ସମ୍ବାଦଦାତା

ଝାରସୁଗୁଡ଼ା ନ ଆଏଜ୍ ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ମେଲା ହେଇଯାଇଛେ । ଇ ଅବ୍ସରେ ମସ୍ୟ ଆଉ ପ୍ରାଣୀ ପାଲନ୍ ଲାଗି ଭିନ୍ ଭିନ୍ ପ୍ରୋସ୍ତାହନ୍ ଯୋଜ୍ନା ବାବଦ୍ ପ୍ରଦର୍ଶନୀ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମଥି ଜିଲ୍ଲାପାଲ କୁନାଲ ମୋତିରାମ ଚୌହାନ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ସରକାରଙ୍କ କୃଷି ପ୍ରୋସ୍ତାହନ୍ ଯୋଜ୍ନାଥି ସାମିଲ୍ ହେବାର୍କେ ଚାଷୀମାନ୍ଙ୍କୁ ପରାମର୍ଶ ଦେଇଛନ୍ । ଇ ବାବ୍ଦେ ଚାଷୀମାନ୍ଙ୍କୁ ସଚେତନ୍ କର୍ବାର ଲାଗି ଜିଲ୍ଲାପାଲ କହିଛନ୍ । କାର୍ଯ୍ୟକ୍ରମ୍ଥି ଜିଲ୍ଲା ପ୍ରାଣୀ ଚିକିସ୍ତା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର ବଡ଼ଭାଗି ଜିଲ୍ଲା ନ ଘଡ଼ଘଡ଼ି ସହେତ ହାଲ୍କାନୁ ମଧ୍ୟମ ଧରଣର ବର୍ଷା ହେବା ବଲି ଭୁବନେଶ୍ୱର ଆଂଚଲିକ୍ ପାରିପାଗ ବିଜ୍ଞାନ ତର୍ଫୁ ଅନୁମାନ କରାଯାଇଛେ । ଇ ସମିଆଥି ପଶ୍ଚିମ ଓଡ଼ିଶା

ସହେତେ ସମୁଦ୍ର ଖଣି ଜିଲ୍ଲାମାନ୍‌କେ ଧୁକାଗର୍ଡି ଆଉ ଘଡ଼ଘଡ଼ି ହେଇପାରେ ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।